# PM to unveil the logo, theme and website of India's G20 Presidency on 8th November

November 07, 2022

## ଭାରତର ଜି20 ଅଧ୍ୟକ୍ଷତାର ଲୋଗୋ, ଥିମ୍ ଏବଂ ୱେବସାଇଟକୁ 8 ନଭେମ୍ବରରେ ଉନ୍ମୋଚନ କରିବେ ପ୍ରଧାନମନ୍ତ୍ରୀ

**ନଭେମ୍ବର 07, 2022**

ପ୍ରଧାନମନ୍ତ୍ରୀ 8 ନଭେମ୍ବର 2022 ରେ ଭିଡିଓ କନଫରେନ୍ସିଂ ଜରିଆରେ ଭାରତର ଜି20 ଅଧ୍ୟକ୍ଷତାର ଲୋଗୋ, ଥିମ୍ ଏବଂ ୱେବସାଇଟକୁ ଉନ୍ମୋଚନ କରିବେ।

ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁଯାୟୀ ଭାରତର ବିଦେଶ ନୀତି ବିଶ୍ୱ ସ୍ତରରେ ନେତୃତ୍ୱ ଭୂମିକା ନିର୍ବାହ ପାଇଁ ବିକଶିତ ହେଉଛି। ଏହି ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଭାରତ 1 ଡିସେମ୍ବର 2022 ରୁ ଜି20 ର ଅଧ୍ୟକ୍ଷତା ଗ୍ରହଣ କରିବ। ଜି20ର ଅଧ୍ୟକ୍ଷତା ଭାରତକୁ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ପ୍ରସଙ୍ଗଗୁଡିକ ଉପରେ ବୈଶ୍ୱିକ ଏଜେଣ୍ଡାରେ ଅବଦାନ ପାଇଁ ବିଶେଷ ସୁଯୋଗ ପ୍ରଦାନ କରିବ। ଆମର ଜି20 ଅଧ୍ୟକ୍ଷତାର ଲୋଗୋ, ଥିମ୍ ଏବଂ ୱେବସାଇଟ ଭାରତର ବାର୍ତ୍ତା ଏବଂ ବିଶ୍ୱ ପାଇଁ ବ୍ୟାପକ ପ୍ରାଥମିକତାଗୁଡିକୁ ପ୍ରତିଫଳିତ କରିବ।

ଆନ୍ତର୍ଜାତିକ ଅର୍ଥନୈତିକ ସହଯୋଗ ପାଇଁ ଜି20 ହେଉଛି ପ୍ରମୁଖ ମଞ୍ଚ ଯାହା ବିଶ୍ୱ ଜିଡିପିର ପାଖାପାଖି 85 ପ୍ରତିଶତ, ବିଶ୍ୱ ବାଣିଜ୍ୟର 75 ପ୍ରତିଶତରୁ ଅଧିକ ଏବଂ ବିଶ୍ୱର ପାଖାପାଖି ଦୁଇ-ତୃତୀୟାଂଶ ଜନସଂଖ୍ୟାର ପ୍ରତିନିଧିତ୍ୱ କରେ। ଏହାର ଜି20 ଅଧ୍ୟକ୍ଷତା ସମୟରେ ଭାରତ ବିଭିନ୍ନ ସ୍ଥାନରେ 32 ଟି ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରାୟ 200 ଟି ବୈଠକ ଆୟୋଜନ କରିବ। ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବା ଜି20 ଶିଖର ସମ୍ମିଳନୀ, ଭାରତ ଦ୍ୱାରା ଆୟୋଜିତ ହେବାକୁ ଥିବା ସର୍ବୋଚ୍ଚ ସ୍ତରର ଆନ୍ତର୍ଜାତିକ ବୈଠକଗୁଡିକ ମଧ୍ୟରୁ ଅନ୍ୟତମ।

**ନୂଆଦିଲ୍ଲୀ**

**ନଭେମ୍ବର 07, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.